ନବୀନବାବୁଙ୍କ ପ୍ରିୟ ଶକ୍ତିମନ୍ତ୍ରୀ ଉତ୍ତର ଦେବେ କି?

୦୪/୦୪/୨୦୦୯

ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ନବୀନବାବୁଙ୍କ ପ୍ରିୟ ଶକ୍ତିମନ୍ତ୍ରୀଙ୍କୁ ଆଜି ଆମେ କେତୋଟି ଅନାସକ୍ତ ପ୍ରଶ୍ନ ପଚାରିବାକୁ ଚାହୁଁଛୁ। ଶକ୍ତି ସଂସ୍କାରର ୭ ବର୍ଷ ପରେ ଆଜି ପୁଣି ସେହି ପୁରୁଣା ବିଦ୍ୟୁତ୍ କାଟର ଅସୁବିଧା ଆମ ସମସ୍ତଙ୍କୁ ଭୋଗିବାକୁ ପଡୁଛି। ଏହା ସାମୟିକ ବୋଲି କୁହାଯାଉଛି। ତେବେ ଏ ସାମୟିକ ବିଦ୍ୟୁତ୍ କାଟର ଅସଲ କାରଣ କ'ଣ? ଏହା ତ ନିଶ୍ଚିତ ଭାବରେ ଦୈବୀକୃତ ନୁହେଁ। ତେବେ ଏହା କ'ଣ ମନୁଷ୍ୟକୃତ? ପୁଣି ସରକାର କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ପାଳନ ନ କଲେ ଆଗାମୀ ଅଗଷ୍ଟ ପହିଲାଠାରୁ ଗ୍ରାହକମାନଙ୍କୁ ଚଢ଼ା ଦରରେ ବିଦ୍ୟୁତ ଶୁଳ୍କ ଦେବାକୁ ପଡ଼ିବ ବୋଲି ବିଦ୍ୟୁତ ନିୟାମକ ଆୟୋଗ ଆମ ସମସ୍ତଙ୍କୁ ଆଗୁଆ ଚେତେଇ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଏ ବିଷୟକୁ ବିଚାର କରୁଛନ୍ତି। ଏହାକୁ କ'ଣ ଏଡ଼ାଯାଇପାରି ନ ଥାନ୍ତା? ସରକାର ଏବଂ ବିଶେଷ ଭାବରେ ଶକ୍ତିମନ୍ତ୍ରୀଙ୍କ ନେତୃତ୍ୱରେ ଶକ୍ତି ବିଭାଗର ଏ ବାବଦରେ କ'ଣ କିଛି ଦାୟିତ୍ୱ ନାହିଁ?

୭ ବର୍ଷ ତଳେ ଅନେକ ଲୋଭନୀୟ କଥା କୁହାଯାଇ ଗ୍ରାହକମାନଙ୍କୁ ଉତ୍ତମ ମାନର ବିଦ୍ୟୁତ ସେବା ସୁଲଭ ମୂଲ୍ୟରେ ନିୟମିତ ଭାବେ ଦିଆଯିବାର ରଙ୍ଗିନ୍ ସ୍ୱପ୍ନ ଦେଖାଇ ଶକ୍ତି ସଂସ୍କାର କରାଯାଇଥିଲା। ନୂତନ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ନିଅଣ୍ଟିଆ ଓଡ଼ିଶା ରାଜ୍ୟ ଏକ ବଳକା ରାଜ୍ୟରେ ପରିଣତ ହେବ ବୋଲି କୁହାଯାଇଥିଲା। ଏନ୍‌ଟିପିସି ଦ୍ୱାରା ଉତ୍ପାଦିତ ବିଦ୍ୟୁତ ଶକ୍ତିରୁ ଆମ ଭାଗରେ ପଡୁଥିବା ୭୦୫ ମେଗାୱାଟ୍‌କୁ ମିଶାଇ ବିଚାର କଲେ ଓଡ଼ିଶା ପାଇଁ ଭବିଷ୍ୟତରେ ବିଦ୍ୟୁତ ଶକ୍ତିର କୌଣସି ଅଭାବ ବା ଅସୁବିଧା ରହିବ ନାହିଁ ବୋଲି କୁହାଯାଉଥିଲା। ଖଣିଜ ସମ୍ପଦ ଭରା ଓଡ଼ିଶା ପାଇଁ ବିଦ୍ୟୁତ ଶକ୍ତି ଅନ୍ୟ ଏକ କଞ୍ଚାମାଲ୍ ସଦୃଶ। ଏହାର ଅଭାବରେ ଆମ ଖଣିଜ ସମ୍ପଦର ଉପଯୁକ୍ତ ବିନିଯୋଗ ହୋଇପାରୁ ନ ଥିଲା। ସଂସ୍କାର ପରବର୍ତ୍ତୀ ବଳକା ପରିସ୍ଥିତିରେ ପୁଞ୍ଜି ନିବେଶକାରୀ ଅନୁଷ୍ଠାନଗୁଡ଼ିକ ଓଡ଼ିଶା ପ୍ରତି ଅଧିକ ଆକର୍ଷିତ ହେବେ ବୋଲି ଯୁକ୍ତି କରାଯାଉଥିଲା। ସରକାରୀ ମାଲିକାନାରେ ଥିବା ଶକ୍ତି କ୍ଷେତ୍ର ପରିଚାଳନାଗତ ତ୍ରୁଟି, ରାଜନୈତିକ ହସ୍ତକ୍ଷେପ, ଦୁର୍ନୀତି ଏବଂ ପ୍ରତିକୂଳ ଲୋକ ଚରିତ୍ରର ଶିକାର ହୋଇ ଏକରକମ ଅଚଳାବସ୍ଥାକୁ ଆସିଥିଲା। ଏହା କେବଳ ଓଡ଼ିଶାର ଅବସ୍ଥା ନ ଥିଲା। ଭାରତର ସବୁ ରାଜ୍ୟରେ ବିଦ୍ୟୁତ ବୋର୍ଡଗୁଡ଼ିକ ଅନୁରୂପ ଅବ୍ୟବସ୍ଥା ଓ ସଙ୍କଟର ସମ୍ମୁଖୀନ ହୋଇଥିଲେ। ଏଭଳି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ 'ମନ୍ଦ ଖୋଜୁଥିଲା ଯାହା ବଇଦ ବତାଇଲା ତାହା' ନ୍ୟାୟରେ ଉଦାରବାଦୀ ଅର୍ଥ ବ୍ୟବସ୍ଥାର ସୁଯୋଗ ନେଇ ତତ୍କାଳୀନ ସରକାର ଶକ୍ତି ସଂସ୍କାର କଥା କହିଲେ ଏବଂ ଭାରତରେ ଏ ସଂସ୍କାର ଆପଣେଇବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେଲା। ଓଡ଼ିଶା ସରକାର ଏଭଳି ଏକ ସଂସ୍କାରଧର୍ମୀ କ୍ରାନ୍ତିକାରୀ ଅଥଚ ରାଜନୈତିକ ଦୃଷ୍ଟିକୋଣରୁ ଦୁଃସାହସିକ ପଦକ୍ଷେପ ନେଇଥିବାରୁ ବିଶ୍ୱ ଦରବାରରେ ପ୍ରଶଂସିତ ହେଲେ। ଓଡ଼ିଶାରେ ପୁଞ୍ଜି ନିବେଶର ମାର୍ଗ ପ୍ରଶସ୍ତ ହେଲା ବୋଲି କୁହାଗଲା। ଆଜି ପୁଞ୍ଜି ନିବେଶ ତ ଯାହା ହୋଇଛି ନ କହିଲେ ଭଲ। ନିୟମିତ ଦେୟ ଦେଉଥିବା ଗ୍ରାହକଟି ଚଢ଼ା ଦରରେ ବିଦ୍ୟୁତ ଶୁଳ୍କ ଦେବାପାଇଁ ବାଧ୍ୟ ହେଉଛି। ଏହା କି ପ୍ରକାର ନ୍ୟାୟ? ଏଥିପାଇଁ ଦାୟୀ କିଏ? ଶକ୍ତି କ୍ଷେତ୍ରକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରି ଘରୋଇକରଣ କରାଗଲା ବୋଲି କ'ଣ ସରକାର ବା ଶକ୍ତି ବିଭାଗର କୌଣସି ଦାୟିତ୍ୱ ନାହିଁ?

ଆମ ବିଚାରରେ ସରକାରଙ୍କର ଏ କ୍ଷେତ୍ରରେ ଦାୟିତ୍ୱ ଯଥେଷ୍ଟ ଅଧିକ ବଢ଼ିଯାଇଛି। ଫରକ କେବଳ ଏତିକି ଯେ, ଏ ଦାୟିତ୍ୱର ସୀମା ସରହଦ ବଦଳି ଯାଇଛି। ଅସ୍ତ୍ରୋପଚାର ପରେ ରୋଗୀ ଯେପରି ଅଧିକ ଯତ୍ନ ଓ ସେବାଶୁଶ୍ରୂଷାର ଅପେକ୍ଷା ରଖେ, ଠିକ୍ ସେହିପରି ବିଦ୍ୟୁତ ସଂସ୍କାର ପରବର୍ତ୍ତୀ ଅବସ୍ଥାରେ ସରକାରଙ୍କର ଦାୟିତ୍ୱ। 'ଚାଲି ନ ଜାଣି ବାଟର ଦୋଷ' ପରି ସରକାରୀ ଓ ବିରୋଧୀ ଦଳ, ପ୍ରଶାସକ ଓ କର୍ମଚାରୀ, ପୁଞ୍ଜି ବିନିଯୋଗକାରୀ, ଦେଶୀ ବିଦେଶୀ ସଂସ୍ଥା ଏବଂ ସାଧାରଣ ଗ୍ରାହକମାନେ ଅସଲ ପ୍ରସଙ୍ଗରୁ ଦୂରେଇ ଯାଇ ପରସ୍ପର ପ୍ରତି ଦୋଷାରୋପ କରି ଚାଲିଛନ୍ତି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଏଥିରେ ସାମିଲ୍ ହୋଇଯାଇଛି। ଅସଲ କଥାଟି ହେଲା- ଯେଉଁଥିପାଇଁ ସଂସ୍କାର ହୋଇଥାଉନା କାହିଁକି, ଏହାର ସର୍ବଶ୍ରେଷ୍ଠ ହିତାଧିକାରୀ ହୋଇଛି ଆମର ଓଡ଼ିଶା ସରକାର ଏବଂ ଏଥିପାଇଁ ସର୍ବାଧିକ କ୍ଷତି ସହୁଛନ୍ତି ନିୟମିତ ଦେୟ ଦେଉଥିବା ବିଚରା ଗ୍ରାହକମାନେ। ଏହି ସଂସ୍କାର ଫଳରେ ଗତ ୧୯୯୬ ମସିହା ପରଠାରୁ ସରକାରଙ୍କୁ ବିଦ୍ୟୁତ ବୋର୍ଡକୁ ଆଉ କୌଣସି ସବ୍‌ସିଡି ଦେବାକୁ ପଡୁନାହିଁ। ଓପିଜିସି ଓ ତାଳଚେର ଥର୍ମାଲ୍‌ର ଅଂଶଧନ ବିକ୍ରି, ସବ୍‌ସିଡି ଓ ଅନ୍ୟ ଦେୟକୁ ମିଶାଇ ଏ ପର୍ଯ୍ୟନ୍ତ ଓଡ଼ିଶା ସରକାର ୪ ହଜାର କୋଟି ଟଙ୍କାର ସୁବିଧା ପାଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସଂସ୍କାର ନ ହୋଇଥିଲେ ପୂର୍ବ ବ୍ୟବସ୍ଥାରେ ସରକାରଙ୍କୁ ଏତିକି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାନ୍ତା। ତତ୍କାଳୀନ ସରକାର ଯେଉଁ ତଥ୍ୟ ଏବଂ ଭିତ୍ତିଭୂମି ଉପରେ ସଂସ୍କାରର ଇମାରତ୍‌କୁ ଛିଡ଼ା କରାଇଲେ, ତାହା ଭ୍ରମାତ୍ମକ ଥିଲା। ଆମ ବ୍ୟବସ୍ଥାରେ ଯେଉଁ ଗୁଣାବଳୀର ବ୍ୟାଖ୍ୟା କରାଯାଇ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନିଆଗଲା, ତାହା ତଥ୍ୟ ଦୃଷ୍ଟିରୁ ପ୍ରମାଦପୂର୍ଣ୍ଣ ଥିଲା। ଫଳରେ ସଂସ୍କାରରୁ ଆଶାନୁରୂପକ ଫଳ ମିଳିଲା ନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଯେଉଁ ସରକାର ଆସିଲା, ତାହା ତ ଅନ୍ତତଃପକ୍ଷେ ନିଜ ଦାୟିତ୍ୱ ଦୃଷ୍ଟିରୁ ଅନୁଭବରୁ ଶିକ୍ଷା ଲାଭ କରି ପ୍ରମାଦକୁ ଦୂର କରିବା ସହିତ ପ୍ରତିକାର ବ୍ୟବସ୍ଥା ପାଇଁ ସର୍ବନିମ୍ନ ଉଦ୍ୟମ କରିଥାନ୍ତେ। ତାହା ସେ କଲେ ନାହିଁ ଏବଂ ଆମକୁ ଓଲଟା ଏହାର କୁପରିଣାମ ଭୋଗିବାକୁ ବାଧ୍ୟ କଲେ। ପ୍ରଶ୍ନ କରାଯାଇପାରେ, ଗତ ସରକାରର ତ୍ରୁଟି ପାଇଁ ଏ ସରକାର କ'ଣ କରିପାରିଥାନ୍ତା? ସଂସ୍କାରର ଆଦି କାଳରେ ଏ କ୍ଷେତ୍ରର ଅନୁଭବ ଏବଂ ଅନୁକୂଳ ପରିବେଶର ଅଭାବରେ କିଛିଟା ତ୍ରୁଟି ବିଚ୍ୟୁତି ହେବା ସ୍ୱାଭାବିକ। କିନ୍ତୁ ଏ ସରକାର ସେ ତ୍ରୁଟିବିଚ୍ୟୁତିଗୁଡ଼ିକ କ'ଣ, ତାହାର ପ୍ରତିକାର ପାଇଁ ସାମ୍ପ୍ରତିକ ଅବସ୍ଥାରେ ଓ ବିଧି ଅନୁସାରେ କ'ଣ କରାଯାଇପାରିବ, ସେ ବିଷୟରେ ଚିନ୍ତା କରିଛନ୍ତି କି? ଚିନ୍ତା କରିବାପାଇଁ ଶକ୍ତିମନ୍ତ୍ରୀ ଏବଂ ତାଙ୍କ ବିଭାଗୀୟ ପରାମର୍ଶଦାତାଙ୍କ ପାଖରେ ସମୟ ନାହିଁ କି ଶକ୍ତି ମଧ୍ୟ ନାହିଁ? ସେ ତ ତାଙ୍କ ନିଜ ବ୍ୟବସାୟରେ ବ୍ୟସ୍ତ। କେଉଁଠି କିପରି କୌଶଳ କରି ଏହି ପାଞ୍ଚବର୍ଷ ଭିତରେ କିଛି ମୋଟା ପଇସା ରୋଜଗାର କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ। ନିଜକୁ ଯଦି ବୁଦ୍ଧି ନ ଦିଶୁଛି କୌଶଳୀ ବ୍ୟକ୍ତି ଅନେକ ସମୟରେ ଅନ୍ୟର ବୁଦ୍ଧି ନିଏ। ସଙ୍କଟ ସମୟରେ ନିଜ ମୁଣ୍ଡରୁ ଦୋଷ ଛଡ଼େଇବାପାଇଁ ସବୁ ସରକାର ଆୟୋଗ ନିଯୁକ୍ତିର ଯେମିତି ବାହାନା କରନ୍ତି, ଏ ସରକାର ମଧ୍ୟ ସେହିପରି କାନୁନ୍‌ଗୋ କମିଟି ନିଯୁକ୍ତ କରିଥିଲେ। ସେ କମିଟିର ସୁପାରିଶକୁ ଶକ୍ତିମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି କି? ସେ ସମ୍ପର୍କରେ ସରକାରଙ୍କର ନୀତି କ'ଣ? ପୁଣି ବିବାଦୀୟ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବାପାଇଁ ସଂସ୍କାରରେ ନିୟାମକ ଆୟୋଗର ବ୍ୟବସ୍ଥା କରାଯାଇଛି। ସାମ୍ପ୍ରତିକ ସଙ୍କଟରୁ ମୁକ୍ତିପାଇବା ପାଇଁ ନିୟାମକ ଆୟୋଗ କ'ଣ କୌଣସି ପରାମର୍ଶ ଦେଇନାହାନ୍ତି? ଯଦି ଦେଇଛନ୍ତି, କେବେ ଦେଇଛନ୍ତି ଏବଂ ଶକ୍ତି ବିଭାଗ ଆଜି ପର୍ଯ୍ୟନ୍ତ ସେ ବିଷୟରେ କ'ଣ କରିଛନ୍ତି?

ଆମ ବିଚାରରେ ଏ ସଙ୍କଟରୁ ମୁକ୍ତି ପାଇବାପାଇଁ ଉଭୟ କାନୁନ୍‌ଗୋ କମିଟି ଏବଂ ନିୟାମକ ଆୟୋଗ କେତୋଟି ସୁଚିନ୍ତିତ ପରାମର୍ଶ ଦେଇଛନ୍ତି। ମୂଳ ପ୍ରଶ୍ନ ହେଲା- କମ୍ପାନୀଗୁଡ଼ିକ କିପରି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହେବେ ଏବଂ ବିଦ୍ୟୁତ ଶକ୍ତିର ୟୁନିଟ୍ ପିଛା ଉତ୍ପାଦନ ଖର୍ଚ୍ଚ କିପରି କମ୍ ହେବ? କେତେକ ବ୍ୟବସ୍ଥାଗତ ଓ ନୀତିଗତ ମୌଳିକ ପ୍ରସଙ୍ଗକୁ ଦୃଷ୍ଟି ଦେଲେ ଏବଂ ସେଥିରେ ଆବଶ୍ୟକ ପରିବର୍ତ୍ତନ ଆଣିଲେ ସମସ୍ୟାର ସମାଧାନ ଅନେକାଂଶରେ ହୋଇପାରିବ। କିନ୍ତୁ ସେଥିପାଇଁ ଦରକାର ସରକାରଙ୍କର ଦୃଢ଼ ଇଚ୍ଛାଶକ୍ତି ଏବଂ ଗଭୀର ଆନ୍ତରିକତା। ଏ ଦୁଇଟିର ଅଭାବରେ ଦରିଦ୍ର ଓଡ଼ିଶା ଆଜି ଅଧିକ ଦରିଦ୍ର ହେବାକୁ ଯାଉଛି। ଶକ୍ତିମନ୍ତ୍ରୀଙ୍କର ଛୋଟ ମନୋବୃତ୍ତି ଓ ସରକାରୀ କଳକୁ ବ୍ୟବହାର କରି ବ୍ୟକ୍ତିଗତ ଭାବେ ଦୁଇ ପଇସା ଅଧିକ ଉପାର୍ଜନ କରିବାର ପ୍ରବୃତ୍ତି ଆଜି ଏ ସଙ୍କଟକୁ ଅଧିକ ଘନୀଭୂତ କରୁଛି।

ଛୋଟିଆ କଥାଟିଏକୁ ବିଚାର କରାଯାଉ। ୨ ଘଣ୍ଟାରୁ ୮ ଘଣ୍ଟା ବିଦ୍ୟୁତ କାଟ ନ ହେଲେ କାହାର ବେଶି କ୍ଷତି ହେବ? ଟିକିଏ ତଳେଇ ଦେଖିଲେ ଏହା ଦିବାଲୋକ ପରି ସ୍ପଷ୍ଟ ହୋଇଯିବ। ଗତ କିଛିବର୍ଷ ଧରି ଓଡ଼ିଶାରେ ବିଦ୍ୟୁତ କାଟ ହୋଇ ନ ଥିବାରୁ ଜେନେରେଟର୍ କମ୍ପାନୀମାନେ ପ୍ରମାଦ ଗଣୁଥିଲେ। ତାଙ୍କର ଯନ୍ତ୍ରଗୁଡ଼ିକ କିପରି ଅଧିକ ବିକ୍ରି ହେବ ସେଥିପାଇଁ ଉପାୟ ଖୋଜି ବୁଲୁଥିଲେ। ସ୍ୱାର୍ଥପର ଶକ୍ତିମନ୍ତ୍ରୀଙ୍କ ପ୍ରବୃତ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହିତ ଥିବା ତାଙ୍କର ସମ୍ପର୍କ ଏମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଲା। ଶକ୍ତିମନ୍ତ୍ରୀଙ୍କୁ ହାତଗୁଞ୍ଜା ଦିଆଯାଉ। ସେ ଖରାମାସରେ ଦୁଇମାସ ପାଇଁ ବିଦ୍ୟୁତ କାଟ କରିବେ। ଅନ୍ୟ ଉପରେ ଦୋଷ ଲଦି ଏହାକୁ ସାମୟିକ ବୋଲି କହିବେ। ଆମେ କିନ୍ତୁ ସୁକୁମାରିଆ ଓ ଘିଅଖିଆ ସହରବାସୀଙ୍କ ଦେହରୁ ଝାଳ ଶୁଖାଇବା ପାଇଁ ଜେନେରେଟର୍ କିଣି ଚାଲିବା। ଗାଁଗହଳିର ଗରିବ ଓଡ଼ିଆ ପଛେ ଧାନର ଅଭାବୀ ବିକ୍ରି କରି ଝାଳନାଳ ହୋଇ ପଡ଼ି ରହିଥାଉ। ଏ ଜାତିଦ୍ରୋହର ବିଚାର କରିବ କିଏ? ଏହା କ'ଣ ଛବିରାଣୀ ଓ ଅଞ୍ଜନାଙ୍କ ଗଣଧର୍ଷଣ ଅପେକ୍ଷା ଅଧିକ ଭୟଙ୍କର ଓ ଦୋଷାବହ ନୁହେଁ? ତଥାକଥିତ ଦୁର୍ନୀତିମୁକ୍ତ ଧୋବ ଫରଫର କୁର୍ତ୍ତା ପାଇଜାମା ପିନ୍ଧା ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜର ଚଡ଼ି, ଗେଞ୍ଜି ଓ ରୁମାଲ୍‌ଗୁଡ଼ିକ ଯେ, କେତେ ମଇଳା ହୋଇଗଲାଣି ଟିକିଏ ପରୀକ୍ଷା କରି ଦେଖିବେ କି?